IJCRM
International Journal of Contemporary Research In Multidisciplinary

*Research Article*

# ଓଡ଼ିଆ ସମାଜବାଦୀ ବାସ୍ତବତାଧର୍ମୀ କବିତାର ଭାଷା

**ଡକ୍ଟର ଶ୍ରୀକାନ୍ତ କୁମାର ବାରିକ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର

**Corresponding Author:** *ଡକ୍ଟର ଶ୍ରୀକାନ୍ତ କୁମାର ବାରିକ

**DOI:** https://doi.org/10.5281/zenodo.20711921

**ସାରମର୍ମ:**

କବିର ଭାବବୈଚିତ୍ର୍ୟ ହିଁ କବିତାର ଆତ୍ମା । ଏହି ଭାବବୈଚିତ୍ର୍ୟ ଯାହା ମାଧ୍ୟମରେ ପରିପୂର୍ଣ୍ଣ କାବ୍ୟିକ ରୂପ ଗ୍ରହଣ କରେ ତାହା ହେଉଛି ଭାଷା ଓ ଶୈଳୀ । ଏହି ଭାବ, ଭାଷା ଓ ଶୈଳୀର ସହାବସ୍ଥାନ ସୃଷ୍ଟି ହୁଏ କବିତା । ମୁଖ୍ୟତଃ କବିତା କ୍ଷେତ୍ରରେ ଭାଷା ରଚନାର ପରିପାଟି (Dictation of composition) ବା ପ୍ରକାଶଭଙ୍ଗୀ (Mode of expression) ଭାବରେ ବ୍ୟବହାର କରାଯାଇଥାଏ । ସମାଜବାଦୀ ବାସ୍ତବତାଧର୍ମୀ କବିତାର ଭାଷା ପରିଚ୍ଛନ୍ନ, ପ୍ରାଞ୍ଜଳ ଏବଂ ବସ୍ତୁଧର୍ମୀ । ଏଥିରେ ଭାଷିକ ବାଗାଡମ୍ବର ନାହିଁ । ସହଜ, ସରଳ ଗଣମୁଖୀ ଭାଷାର ଆବେଦନ ହିଁ ଏହି ଧରଣର କବିତାର ସ୍ୱଧର୍ମ । ଦୈନନ୍ଦୀନ ଜୀବନରେ ପ୍ରଚଳିତ ସମାଜର ଚଳନ୍ତି ଭାଷା ଏଥିରେ ପ୍ରୟୋଗ କରାଯାଇଥାଏ । ସାମାଜିକ ବାସ୍ତବତାର ପ୍ରଶସ୍ତ ଛାତି ଉପରେ ଠିଆ ହୋଇ ଏହି ନୂତନ ଭାଷିକ ଶୈଳୀ କିଭଳି ସମାଜର ଲହୁଲୁହାଣ ମଣିଷର ଜୀବନ ସଂଘର୍ଷର ଗୀତ ଗାଇଛି ତାହା ଆଲୋଚ୍ୟ ପ୍ରବନ୍ଧର ମୁଖ୍ୟ ପ୍ରସଙ୍ଗ ।

**Manuscript Information**

- **ISSN No:** 2583-7397
- **Received:** 05-03-2026
- **Accepted:** 24-04-2026
- **Published:** 30-04-2026
- **IJCRM:**5(2); 2026: 1069-1071
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. ଓଡ଼ିଆ ସମାଜବାଦୀ ବାସ୍ତବତାଧର୍ମୀ କବିତାର ଭାଷା. Int J Contemp Res Multidiscip. 2026;5(2): 1069-1071.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦ:** ସମାଜବାଦୀ ବାସ୍ତବତା, କବିତାର ଭାଷା, ଶବ୍ଦ ବୈଚିତ୍ର୍ୟ, ଧ୍ୱନ୍ୟାତ୍ମକ ଶବ୍ଦ, ପ୍ରତୀକାତ୍ମକ ଭାଷା।.


© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## INTRODUCTION

**ଓଡ଼ିଆ ସମାଜବାଦୀ ବାସ୍ତବତାଧର୍ମୀ କବିତାର ଭାଷା ପ୍ରୟୋଗ-**

ଭାଷା ହେଉଛି ଭାବର ବାହକ । କବି ବା ଲେଖକ ଯାହା ଚିନ୍ତା କରେ, ସେହି ଚିନ୍ତା କାବ୍ୟିକ ରୂପ ଘେନେ ଭାଷା ମାଧ୍ୟମରେ । ଏହି ଭାବକୁ କେଉଁ ଭାବରେ,କିଭଳି ଭାବରେ ବ୍ୟକ୍ତ କରାଯାଇପାରେ ସେହି ବିଚାର ଭାବର ଥାଏ । ଜଣେ ଭଲ ସ୍ରଷ୍ଟା ଏହାକୁ ଆତ୍ମସ୍ଥ କରିପାରେ । ଭାଷା ବହି ଯାଉଥିବା ନଦୀଟିଏ ପରି । ଭାବ ଓ ଚେତନାପ୍ରସ୍ଥ ମଧ ସଦା ପରିବର୍ତ୍ତନଶୀଳ । ତେଣୁ ଭାଷା ଓ ଭାବ ପରିବର୍ତ୍ତନଶୀଳ ହେବା ସ୍ୱାଭାବିକ କଥା । ପୁଣି ଯୁଗାନୁସାରୀ ହେବା ଏ ଉଭୟର ସ୍ୱଧର୍ମ । ସମାଜବାଦୀ ବାସ୍ତବତାଧର୍ମୀ କବିତାରେ ଭାଷାର ଆବେଦନକୁ ଅସ୍ୱୀକାର କରାଯାଇନପାରେ । ଏହି ଭାଷା ସରଳ ଓ ସ୍ୱଚ୍ଛନ୍ଦ ରୂପ ଗ୍ରହଣ କରିଛି । ବକ୍ତବ୍ୟକୁ ଆହୁରି ସ୍ୱଷ୍ଟ ଓ ସର୍ବଜନାଦୃତ କରିବା ସକାଶେ ଏବର କବି ନୂତନ ଶବ୍ଦ ନିର୍ମାଣ ପୂର୍ବକ ଗଣଭାଷାର ଅଧିକାଧିକ ନିକଟବର୍ତ୍ତୀ ହେବାର ନିରନ୍ତର ଉଦ୍ୟମ କରୁଛି । ଲୌକିକଭାଷା ଓ କଥ୍ୟ ଭାଷା ସହିତ କାବ୍ୟିକ ଭାଷାର ସମନ୍ୱୟ ହେଉଛି ସମାଜବାଦୀ କବିତାର ମୌଳିକ ବୈଶିଷ୍ଟ୍ୟ । ବିପ୍ଳବୀ କବିଟିଏ ସବୁକାଳେ ପ୍ରକୃତ କବି । ଯେଉଁଠି ଛାତିକୁ ପଥର କରିବା ପାଇଁ କହେ । ବିପ୍ଳବର ସୂକ୍ଷ୍ମ ମନ୍ତ୍ର କାନରେ ଫୁଙ୍କିଦିଏ ଅତି ସହଜ ଓ ସରଳ ଭାଷାରେ । ସେହି ଭାଷା ହିଁ ଅଗ୍ନି । ଶବ୍ଦ ହିଁ ହୁଏ ସନ୍ଦୀପନ । ଏହି ଭାଷା ଓ ଶବ୍ଦରେ ଥାଏ ସାଧାରଣ ନିରୀହ ମଣିଷର ବ୍ୟଥା ଓ ବେଦନାର ସ୍ୱର । ସେ ଜାଣିଶୁଣି ତା'ର ଭାଷାକୁ ଭାବାନୁସାରୀ କରିଥାଏ । କେବଳ ଲୋକସୁଖୀନତା କରିବା ପାଇଁ କବି ଅନନ୍ତ ପଟ୍ଟନାୟକଙ୍କ 'ଶରତ ପଥେ' କବିତାକୁ ଲକ୍ଷ୍ୟ କରାଯାଇପାରେ।

"ଦୁଧିଆଳି ରାତି ଯେବେ ମୋ ଆଡ଼କୁ ପିଠି କରି ଶୁଏ
ଗର୍ଭର ତିମିରେ ତାର ପାଦ ଛାଟେ କୁନି କୁନି ବ୍ୟଥା
ଖୁଚାଂ ଦେଇ କହେ ମୁହିଁ ସାଲୁସାଲୁ କାଳର କୀଟ ଯେ
ଦରମଲା ଶରତର ରଇଜଳା ସବୁ ଯେତେକ ରୁଏ । "(ଶରତ ପଥେ- ଅଲୋଡ଼ା ଲୋଡ଼ା)

ଗାନ୍ଧିବାଦୀ ଚିନ୍ତାଧାରା ଓ ଦର୍ଶନ କିପରି ଆଜି ଭଣ୍ଡ ଓ ପ୍ରତାରକ ନେତାଙ୍କ ହାତରେ ରସାତଳଗାମୀ ହୋଇଛି ତା'ର ସୂକ୍ଷ୍ମ, ଚିତ୍ର ଦେଖୁ କବି ରଘୁନାଥ ଦାସଙ୍କ 'ଘରଡିଙ୍କି'କବିତାରେ । ଏଠାରେ କବି ଦେଶୀ ପୁଞ୍ଜିପତି ଓ ଶାସକମାନଙ୍କୁ ଘର ଡିଙ୍କି କୁମ୍ଭୀର ବୋଲି କହିଛନ୍ତି । ଏମାନେ ଗୋରା ସରକାରଙ୍କ ଠୁଁ ମଧ ବଡ଼ ଭୟଙ୍କର । କବିତାକୁ ଅତି ସହଜ ଓ ସରଳ ଭାଷାରେ ପ୍ରକାଶ କରନ୍ତି ।

"ଟଙ୍କା କରେ ମାଣେ ନ ମିଳେ ଚାଉଳ
ଦଶ ଗୁଣା ହେଲା ଦରବର ମୂଲ
ହରବର ହୋଇ ମରିଲୁ ତ ଆମେ
ହାତରୁ ସରିଛି କଉଡି
ଦିନକରେ ଥରେ ଜଳେ ନାହିଁ ଚୁଲୀ-
ପାଟି କଲେ ଲାଠି,ହଲିଗଲେ ଗୁଳି
ଘର ଡିଙ୍କି ମୋର କୁମ୍ଭୀର ହୋଇଲା
କା ଆଗେ କରିବି ଗୁହାରି ।" - (ଘରଡିଙ୍କି ଅଗଷ୍ଟ ପନ୍ଦର ଓ ଅନ୍ୟନ୍ୟା କବିତା)

ବିପ୍ଳବୀ କବିଙ୍କର ଏହି ଶାଣିତ କାବ୍ୟଚେତନା ଆପଣା ଦେଶ ଓ ମାଟିର ମଣିଷମାନଙ୍କ ଜୀବନସ୍ୱରକୁ ଅଭିବ୍ୟକ୍ତ କରିବା ପାଇଁ ସଦାତତ୍ପର । ଏହି କାବ୍ୟଚେତନାର ଶୈଳୀରେ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର ମଧ ପରିଲକ୍ଷିତ । ଯେପରି – ଗମ୍ ଗମ୍ , ସର୍ ସର୍, ଦୁଲ୍ ଦୁଲ୍, ଛମ୍ ଛମ୍, ଝମ୍ ଝମ୍,କଡ୍ କଡ୍ ଇତ୍ୟାଦି । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ସହିତ ଏହି ଧ୍ୱନ୍ୟାତ୍ମକ ଶବ୍ଦର ସଂପୃକ୍ତି ଥାଏ । କବି ଲେଲିନ୍ କୁମାରଙ୍କର ଗୋଟିଏ କବିତାକୁ ଏଠାରେ ବିଚାର କରାଯାଇପାରେ। ସର୍ବୋପରି ଭୋକ ପୀଡ଼ିତ ଭୂଗୋଳର ଭାଗ୍ୟ ବିହୀନ ଲୋକମାନଙ୍କର ଅଧିକାର ଉଦ୍ଦେଶ୍ୟରେ ସେ କବିତାରେ ଲେଲିନହାନ୍ ଭରି ଭୂମିମାଲିକ ବିରୁଦ୍ଧରେ ସଂଗ୍ରାମରତ । ତାଙ୍କର ଛଡ଼େଇ ଆଣିବାକୁ ଅଛି 'ଭାତଥାଳି' କବିତାଟି ଏଠାରେ ବିଚାରଯୋଗ୍ୟ ।

"ଏଠି ରକ୍ତ ପିଆଲା
ଛମ୍ ଛମ୍ ରକ୍ତାକ୍ତ ଘୁଙ୍ଗୁର
ବାହାରେ ଭିକ୍ଷାଥାଳ
ଝମ୍ ଝମ୍ ଖୁଚୁରା ଅହଙ୍କାର କାହାର ।"(ପ୍ରଗତିଶୀଳ ଓଡିଆ କବିତା)

ଧ୍ୱନ୍ୟାତ୍ମକ ଶବ୍ଦ ମାଧ୍ୟମରେ କବି ତାର ବୈପ୍ଳବିକ ଆବେଗ ଓ ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତିକୁ ଶାଣିତ କରିଥାଏ ।

ରୂପକାତ୍ମକ ଭାଷାଶୈଳୀ ହେଉଛ ଏହି କାବ୍ୟଚେତନାର ଏକ ପ୍ରମୁଖ ଭାଷାଶୈଳୀ । ଏହାରି ମାଧ୍ୟମରେ କବି ତା'ର ସାମାଜିକ ଆବେଦନ ବଳିଷ୍ଠ କରିପାରିଛି । ଏହା ଦୁଇଟି ଭିନ୍ନଧର୍ମୀ ଭାବଚିତ୍ରକୁ ଓତପ୍ରୋତ ଭାବେ ଏକୀଭୂତ କରିଥାଏ । ଏଥିରେ ଦୁଇଟି ସମାନ୍ତରାଳ ବସ୍ତୁ ମଧ୍ୟରେ ଅଭେଦତ୍ୱ ଆରୋପ କରାଯାଏ । ଏ ସଂପର୍କରେ ପାଶ୍ଚାତ୍ୟ ସମୀକ୍ଷକ Lee .T. Lemon କହନ୍ତି - A similie is a comparison of two unlike things using 'Like' or 'as', A metaphoer calls attention to the similarites of two otherwise unlike things by treating them as identical.(A glossary for the study of english ) କବି ଅନନ୍ତ ପଟ୍ଟନାୟକଙ୍କ କବିତା 'ଏଇ ମଇ ଦିବସ'ରେ ବର୍ଣ୍ଣିତ ରକ୍ତ ତାରକା ବିପ୍ଳବର ରୂପକ ।

"ବନ୍ଦୀ ଜନତା ଭାଙ୍ଗି କାରାର ଜାଲେ
ବରିନିଏ ଆମ ରକ୍ତ ତାରକା ଭାଲେ ।"

ସମାଜବାଦୀ କବି ରୂପକାତ୍ମକ ଭାଷାର ମଞ୍ଜିରେ ବିପ୍ଳବ ଓ ସଂଘର୍ଷର ବୃକ୍ଷ ଜନ୍ମାଏ । ଅନ୍ଧମାନଙ୍କର ହାତୀ ଦେଖା କାହାଣୀକୁ କବି ହୁସେନ ରବି ଗାନ୍ଧୀ ଏକ ରୂପକ ମାଧ୍ୟମରେ ଦେଖେଇଛନ୍ତି ତାଙ୍କ କବିତାରେ । ତୀବ୍ର ବ୍ୟଙ୍ଗ ଏଥିରେ ପରିଲକ୍ଷିତ ।

"ହାତୀ ରୂପୀ ଏ ସମାଜେ ଅନ୍ଧସମ
ଆମେ କହୁ ଏହା ସ୍ୱର୍ଣ୍ଣ ଖମ୍ବ
କିଏ କହେନାହିଁ କୁଲାପରି କାନ୍ଥପରି
କିଏ କହେ ସମାଜଟା ଅଟଇ ସର୍କସ
ଆମେ କରୁଛୁ ଖାଲି ବିଳାପ
ଏକକୁ ଆରକେ ଏଠି
ଦିଏ ଖାଲି ଫମ୍ପା ଅଭିଶାପ ।"(ଆଗାମୀର ଅଭ୍ୟର୍ଥନା- ମୁକ୍ତ ପୂର୍ବାଶା)

ସମାଜବାଦୀ କବିଏ ବିଷୟବସ୍ତୁର ଆବେଦନକୁ ମଜଭୁତ୍ କରିବାପାଇଁ ଆଚଂଳିକ ଶବ୍ଦ ତଥା ଲୋକମୁଖୀନ ଭାଷାକୁ ଗ୍ରହଣ କରିଛନ୍ତି । ଏହା ଫଳରେ କବିତା ସ୍ୱଷ୍ଟ ଓ ସୁନ୍ଦର ହୋଇଛି । ଧର୍ମ ନାଁରେ ଭଣ୍ଡମାନଙ୍କୁ ମିଳିଯାଏ ଆମ ସମାଜରେ ମାନ୍ୟତା । ଅଶିକ୍ଷିତ, ନିରୀହ ଗ୍ରାମାଚଂଳରେ ବାସକରୁଥିବା ମଣିଷମାନଙ୍କୁ ଏମାନେ ଶୋଷଣ କରନ୍ତି । ଧର୍ମର ଚିତା, ଗୈରିକ ବାସ , ବାନା ଭିତରେ ଲୁଚିଯାଏ ତାଙ୍କ ହାତର ନଖ ମୁହଁ ଦନ୍ତ, ଲହଲହ ଜିହ୍ୱା ଯାହା ଅନ୍ୟମାନଙ୍କ ଶ୍ରମ ଶୋଷେ, ଯୌବନ ଶୋଷେ,ରକ୍ତ ଶୋଷେ । କବି ଅଖିଳ ନାୟକ ଏଇ ଛଳନାମୟ ବ୍ୟବସ୍ଥା ଓ ତା'ର କାର୍ପଟଦାରମାନଙ୍କୁ ବେସାଲିସ୍ ସମାଲୋଚନା କରନ୍ତି । ଏଥିରେ ଆଚଂଳିକ ଭାଷାର ଛାପ ବାରିହୋଇ ପଡେ ।

"ଛେପ ଖଙ୍କାରରେ ଓଦା ସରସର ମନ୍ତ୍ର ତମର ପବିତ୍ର ଯଦି
ଝାଳ ଶିଙ୍ଘାଣି ଲେଞ୍ଚରାର ଦେହ ତମର ପବିତ୍ର ଯଦି
କେଉଁ ଖୁଣ୍ରେ ମୁଁ ଅପବିତ୍ର ହେବି କୁହ ?
ରକତ ଝରୁଛି ବୋଲି ନାକ ଟେକୁଛ ଯେ
ସେଥିପାଇଁ ମୁଁ ଅଛୁଆଁ ହେବି କାହିଁକି?


© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଜିଭରେ ତମର ହାଡ ଅଛି ତ ଜବାବ ଦିଅ ।"(ମୂଢ ମାଇପ ମୁଁ ନିଶାପ ଚାହେଁ -ଧିକ -ଅଖିଳ ନାୟକ)

ପୁଣି ଅଖିଳଙ୍କ ଅନ୍ୟ ଏକ କବିତାକୁ ବିଚାରକୁ ନିଆଯାଇପାରେ । ଦଳିତ ସ୍ତ୍ରୀଟିଏ ଲାଗି ପ୍ରମାଣିତ ହେଉଥିବା ଅଲିଅଳି ଛେଳିକୁ ନେଇ ଗଣି ମିଶ୍ର ବିଡିଓ ପାଇଁ ନେଇ ମାରି ଦେଇଛି ଆଉ ସାକୁଲେଇ ହେଇ ବିଧବାଭତ୍ତା, ଇନ୍ଦିରା ଆବାସର ଲୋଭ ଦେଖେଇଛି । ଦଳିତ ସ୍ତ୍ରୀଟି ସଂପୁଛି । ତାଙ୍କର 'ଏଇ ରହିଥା ଦେଖିବୁ'କବିତାର ଭାଷା ଆଚଂଳିକ । ଏଥିରେ ମୁଖା ନାହିଁ କି ଆଟୋପ ନାହିଁ ।

"ମାଉଁସ ଖାଇନୁ ଯେ
ମୋର କଂଚା ନରକକୁ ଗେଂଫିଛୁରେ ରଇଜଳା
ଖୋଳ ହାପିରୁନୁ ଯେ
ମୋର ମୁତ, ରକତ ସୁଡୁକିଛୁରେ ଯୋଗିନିଖିଆ
*******************************
ଦାନ୍ତ ଯଦି ତୋର ହେଲା ସଲସଲ
ତୋ ପିଲା ଝିଲାର ହାତଗୋଡକୁ
ରେକଟିଲୁନିରେ ନଇଶୁଆ ।"

ସମାଜବାଦୀ ବାସ୍ତବତାଧର୍ମୀ କବିତା ଆଜି ଏତେ ଲୋକପ୍ରିୟ ହେବାର ପ୍ରଚ୍ଛଦପଟ୍ଟରେ ରହିଛି ତା'ର ଗଣମୁଖୀ,ଭାଷା ଓ ଶୈଳୀର ଭୂମିକା । ଏହି ଭାଷା ଓ ଶୈଳୀ ଯେମିତି ପାଠକ ପ୍ରାଣକୁ ଛୁଇଁବାର ଆସ୍ପର୍ଦ୍ଧା ରଖିଛି ତଦନୁରୂପ ଜୀବନ ଓ ଜଗତର ବନ୍ଦନା କରିବାରେ ଭରପୂର ସହାୟତା କରୁଛି । ଏହି ଭାଷା ଓ ପ୍ରକାଶ ଭଙ୍ଗୀରେ ପରିଚ୍ଛନ୍ନତା ହିଁ ଏହାର ମୂଳ ବୈଶିଷ୍ଟ୍ୟ । ଏଥିରେ ଭାଷିକ କୃତ୍ରିମତା ନାହିଁ କି କୌଶଳର କସରତ ଓ ବୌଦ୍ଧିକ ବିଳାସର ଆଡମ୍ବର । ସେଥିପାଇଁ ଏ କବିତା ଭୋଗର ନ ହୋଇ ହୋଇଛି ତ୍ୟାଗର । ବାସ୍ତବତାର ପ୍ରଶସ୍ତ ଛାତି ଉପରେ ଛିଡା ହୋଇ ଏ କାବ୍ୟିକ ଶୈଳୀ ସମାଜର ଲହୁଲୁହାଣ ମଣିଷର ଘାତସଂଘାତର ଗୀତ ଗାଇଛି ।

ଶବ୍ଦ ବୈଚିତ୍ର୍ୟ

ସମାଜବାଦୀ ବାସ୍ତବତାଧର୍ମୀ କବିତା ସୂତ୍ରରେ ଓଡିଆ କାବ୍ୟଜଗତରେ ଅନେକ ନୂତନ ଶବ୍ଦର ସଂଯୋଜନା ଘଟିଛି । ସେଗୁଡିକ ହେଲା - ଅଗ୍ରଗାମୀ, ଅଗ୍ରଦୂତ, ଅନ୍ଧାଜ, ଅଗ୍ନିଯୁଗ, ଆବାଜ, ଇସ୍ତାହାର, ଅଗ୍ନିବୀଣା, ଇପ୍ସିତ କ୍ରୋଧ, ଉଗ୍ରବାଦ, ପୁଞ୍ଜିବାଦ, ମଜଦୁର, ରକ୍ତକେତନ, ରକ୍ତକରବୀ, ଦା, ହାତୁଡି, ଦଳିତ, ଲାଲସେନା, ଲାଲ ପାଗଡାର ପ୍ରେତ, ବର୍ଲିନ, କାରାଗାର, ଫାସୀକାଠ, ରକ୍ତତାରକା,ଲାଲ ନଭେମ୍ବର, ରକ୍ତକଳି, ଶୋଷଣବାଜି, ଗୋଲାମ, ସର୍ବହରା, ସ୍ଫୁଲିଙ୍ଗ, ଲୌହଗର୍ଭା, ଚଳୋର୍ମି, ଜ୍ୱଳଦର୍ଜି,ଦୁର୍ବାର, ବେସାଲିସ, ଆଗ୍ନେୟ ଶପଥ, ନିଶାନ୍, ଲାଲସଲାମ୍, ହୁସିଆର୍, ହାତିଆର, ଆଜାଦ, ଶାନ୍ତିଶିଖା, ଶୋଣିତ ସ୍ୱାକ୍ଷର, କୁର୍ଣ୍ଣିସ, ରକ୍ତପଥ ଇତ୍ୟାଦି ।

ସମାଜବାଦୀ କବିଏ ସାଧାରଣ ଶବ୍ଦକୁ ଅସାଧାରଣ ଅର୍ଥରେ ପ୍ରୟୋଗ କରିବାର ଦକ୍ଷତା ରଖନ୍ତି । ପ୍ରଚଳିତ ଶବ୍ଦମାନଙ୍କୁ ସେ ନୂତନ ଅର୍ଥରେ ବ୍ୟବହାର କରିବାର ଦକ୍ଷତା ରଖନ୍ତି । ଏହି କାବ୍ୟଚେତନାର କବିଏ ତାଙ୍କ ବିଦ୍ରୋହି ଆତ୍ମାର ଅଭିବ୍ୟକ୍ତକୁ କିଭଳି ସୁନ୍ଦର ଶବ୍ଦ ବସାଣ ମାଧ୍ୟମରେ ପ୍ରକାଶ କରନ୍ତି ତାହା ଲକ୍ଷ୍ୟ କରାଯାଇପାରେ –

ସାମ୍ୟବାଦର ଯଜ୍ଞଧୂଆରେ ତୁମରି ରକ୍ତକେତନ ତଳେ
ସମବେତ ହେଲେ ଭକ୍ତ ସାଧକ ବାଧା ବନ୍ଧନ ବିଶୋରି ହେଲେ । (ଲେଲିନ- ଉଠ କଙ୍କାଳ- ଗୋଦାବରିଶ ମହାପାତ୍ର)

ଲାଲ ପତାକା ଲାଲ ପତାକା
ଦେଶେ ଦେଶେ ଗଢେ ଚାଷୀ କୁଲି ଇଲାକା
ଦିନେ ମଇ ପହିଲାର ମିହି ପ୍ରଭତେ
ଗୁଳିଘାତ ଲହୁଟିକା ମଜଦୁର ହାତେ । (ଲାଲ ପତାକା- ଜୀବନର ଜୟଗାନ- ମନମୋହନ ମିଶ୍ର )

ଶାନ୍ତ ଆଖିର ଚଟାଣରେ ଫାଟିଯାଏ କ୍ରୋଧ
ରକ୍ତାକ୍ତ ପାଖୁଡା ହୋଇ
କ୍ଷୁଧାର ଆଁ ଭିତରୁ ଲମ୍ଫଦିଏ
ଖସିପଡେ ବ୍ୟଗ୍ର ଚେତନାର ଶାଖାରୁ ।(ଇପ୍ସିତ କ୍ରୋଧ- ଆଶୁତୋଷ ପରିଡା)

ସମାଜବାଦୀ କବିମାନେ କବିତାରେ ଶବ୍ଦର ବିଳାସ, ଭାଷାର ଭାସ୍କର୍ଯ୍ୟ ଅପେକ୍ଷା କାବ୍ୟିକ ବକ୍ତବ୍ୟର ଆବଶ୍ୟକତା ଅନୁଯାୟୀ ଶବ୍ଦ ସଂଯୋଜନା କରିଛନ୍ତି । ଶବ୍ଦର ଯାଦୁକରୀ ଖେଳ ଏଠି ନାହିଁ ବରଂ ଅଛି ଭାବକୁ ପ୍ରକାଶ କରିବାର ଏକ ଅମୂର୍ତ୍ତ ଅଭୀପ୍ସା । ଏହାର ଆବେଦନ ସଂପୂର୍ଣ୍ଣ ଭାବରେ ଗଣ ମୁଖି । ପରିଶେଷରେ ଏତିକି କୁହାଯାଇପାରେ କବିତାର ଭାଷା ଓ ଶୈଳୀ ଅବ୍ୟକ୍ତ ଭାବନାର ବସ୍ତୁଗତ ରୂପାୟନ ଏହା ନିଶ୍ଚିତ ଭାବରେ କବି ପ୍ରତିଭାର ଆୟାସସାଧ କଳା । ଏହି କାବ୍ୟଭାଷା ଅର୍ଥର ସୁପରିବାହି ନୁହେଁ;ବରଂ ଭାବର ଦୃଢତା ନେଇ ମଣିଷ ଜୀବନର ବାସ୍ତବ ପ୍ରତିବିମ୍ବ ପାଲଟି ଯାଇଛି ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ ।

**ସହାୟକ ଗ୍ରନ୍ଥସୂଚୀ**


1. ରାଉତରାୟ, ସଚ୍ଚିଦାନନ୍ଦ. *ସାହିତ୍ୟ ବିଚାର ଓ ମୂଲ୍ୟବୋଧ.* ଦ୍ୱିତୀୟ ସଂସ୍କରଣ, ଅକ୍ଷର ପ୍ରକାଶନ, ୨୦୧୪।
2. ରାଉତରାୟ, ସଚ୍ଚିଦାନନ୍ଦ. *ସଚ୍ଚିରାଉତରାୟ ଗ୍ରନ୍ଥାବଳୀ.* ପ୍ରଥମ ସଂସ୍କରଣ, ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୦୧।
3. ଦାସ, ଚିତ୍ତରଞ୍ଜନ. *କେତେ ଦିଗନ୍ତ.* ଦ୍ୱିତୀୟ ସଂସ୍କରଣ, ପଥିକ ପ୍ରକାଶନୀ, ୨୦୦୦।
4. ପାଣ୍ଡବ, ଶତ୍ରୁଘ୍ନ. *ଆଧୁନିକ ଓଡିଆ କବିତା ସମୀକ୍ଷଣ.* ପ୍ରଥମ ସଂସ୍କରଣ, ନବୋଦୟ ପ୍ରକାଶନ, ୨୦୦୯।
5. Richards IA. *Practical Criticism.* Indian Reprint, New Delhi: UBS Publishers; 1998.
6. ବାରିକ, ଡକ୍ଟର ଶ୍ରୀକାନ୍ତ କୁମାର. *କାବ୍ୟମଞ୍ଚ: ସ୍ପନ୍ଦିତ ସମୟ.* ପ୍ରଥମ ସଂସ୍କରଣ, ବର୍ଷା ପ୍ରକାଶନୀ, ୨୦୧୮।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.



**About the Corresponding Author**



**ଡକ୍ଟର ଶ୍ରୀକାନ୍ତ କୁମାର ବାରିକ** ବଲାଙ୍ଗୀର ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ସହକାରୀ ପ୍ରାଧ୍ୟାପକ ଭାବରେ କାର୍ଯ୍ୟରତ। ଜଣେ ନିଷ୍ଠାପର ଶିକ୍ଷାବିତ୍ ଏବଂ ଗବେଷକ ଭାବେ ସେ ବେଶ୍ ପରିଚିତ। ଶିକ୍ଷାଦାନ ସହିତ ସାହିତ୍ୟିକ ଗବେଷଣା, ସମାଲୋଚନା କ୍ଷେତ୍ରରେ ତାଙ୍କର ବିଶେଷ ରୁଚି ଓ ପ୍ରଜ୍ଞା ରହିଛି।



© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/